ସମ୍ବାଦ

# ମହିଳା ମହାବିଦ୍ୟାଳୟରେ ଆଇନ ସଚେତନତା ଶିବିର




ବରପାଲି, ୧୧।୩ (ଇମିସ): ବରପାଲି ନିକଟସ୍ଥ କଦଳୀପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ତାଲୁକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ହିମାଂଶୁ ଶେଖର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ତ୍ରିଜିବ କୁମାର ନନ୍ଦ, ସମ୍ମାନିତ ଅତିଥି ଭାବେ ବିଡିଓ ପ୍ରସନ୍ନ ପାଣ୍ଡେ, ତହସିଲଦାର ରୁକ୍ମିଣୀ ମେହେର, ବରପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡା. ରାଜେଶ ବେହେରା, ଗ୍ରାମସେବିକା ତାଲିମ କେନ୍ଦ୍ରର ମୁଖ୍ୟ ମମତା ଶତପଥୀ, ଓକିଲ ସଂଘର ଉପସଭାପତି ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସାମ୍ପ୍ରତିକ ସମାଜରେ ନାରୀର ଭୂମିକା ଏବଂ ସରକାରଙ୍କ ଯେଉଁ ନିୟମ ରହିଛି ତାହା ଉଭୟ ନାରୀ ଓ ପୁରୁଷଙ୍କ ପ୍ରତି ସମାନ ଅଧିକାର ରହିବା ଉଚିତ୍ ବୋଲି ଅତିଥିବୃନ୍ଦ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ସ୍ଥାନୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଜର୍ଜ ଲୁନା ମହାନ୍ତି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜର୍ଜ ସତ୍ୟ ପଧାନ, ସିଜିଏମ୍ ସିଦ୍ଧାର୍ଥ ସାହୁ, ରେଜିଷ୍ଟ୍ରାର କମଳାକାନ୍ତ ସାହୁ, ସିନିୟର ଜର୍ଜ ସୁଶାନ୍ତ ଆଚାର୍ଯ୍ୟ, ଜିଲ୍ଲା ଲିଗାଲ ସର୍ଭିସ ପ୍ରାଧିକାରୀ ବିଭୂକଲ୍ୟାଣ ପାଢ଼ୀ ଯୋଗଦାନ କରି ନାରୀ ଶସକ୍ତୀକରଣ ଉପରେ ଆଲୋଚନା କରିଥିଲେ।

BARGARH DEOGARH JHARSUGUDA Edition
Page No.1 March 12, 2023